# ଗାନ୍ଧିଜୀଙ୍କ ତପସ୍ୟା : ଅସ୍ପୃଶ୍ୟତା ନିବାରଣ

**ଡକ୍ଟର ନିର୍ମଳା କୁମାରୀ ମହାପାତ୍ର**

ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜୟନ୍ତୀ ସାରା ଦେଶରେ ଦୁଇବର୍ଷ (୨୦୧୭ – ୨୦୧୯) ଧରି ପାଳନ କରାଯାଉଛି । ସାମାଜିକ ଅନ୍ୟାୟ ଓ ଦାରିଦ୍ର୍ୟତା ବିରୋଧରେ ଲଢ଼ିବାକୁ ଯାଇ ସେ ଧରିଥିଲେ ଦୁଇଟି ମୁଖ୍ୟ ଅସ୍ତ୍ର । ସେଗୁଡ଼ିକ ହେଲେ – (୧) ସତ୍ୟ, (୨) ଅହିଂସା । ସତ୍ୟରୁ ସତ୍ୟ ପ୍ରତି ଆଗ୍ରହକାରୀ ସତ୍ୟାଗ୍ରହୀ । ଛୁଆଁ–ଅଛୁଆଁ, ଜାତିଭେଦ ଉଠାଇବା ପାଇଁ ସେ ୧୯୩୨, ସେପ୍ଟେମ୍ବର ମାସରେ ସମଗ୍ର ଦେଶବାସୀଙ୍କୁ ବିନତି କରିଥିଲେ ଯେ– ମଠ, ମନ୍ଦିର ଆଦି ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ହୋଟେଲ ଆଦିରେ ସମସ୍ତଙ୍କର ପ୍ରବେଶ ଅଧିକାର ରହିଅଛି । ଏଥିରେ କୌଣସି ବାରଣ–ଚାରଣ ନରହୁ । ବିବାହ–ବ୍ରତ–ପର୍ବପର୍ବାଣି, ଭୋଜିଭାତରେ ସମସ୍ତେ ଏକାଠି ଖାଇବା । ସାମାଜିକ କାର୍ଯ୍ୟରେ କୌଣସି କଟକଣା ନରହୁ । ସମସ୍ତେ ମିଳିମିଶି ଚଳିବା ।



ଅସ୍ପୃଶ୍ୟତା ଏକ କଳଙ୍କ । ଏହାକୁ ଉଠାଇଦେବା ପାଇଁ ୧୯୩୨, ସେପ୍ଟେମ୍ବର ୨୦ ତାରିଖରେ ଗାନ୍ଧିଜୀ ଆରମ୍ଭ କରିଥିଲେ ଅନଶନ । ଏହା ତତ୍‌କାଳୀନ ଭାରତ ଓ ବିଲାତ ପ୍ରତି ଚମକ ସୃଷ୍ଟି କରିଥିଲା । ଜଣେ କ୍ଷୀଣକାୟ ସତ୍ୟାଗ୍ରହୀଙ୍କ ଅନଶନକାଳୀନ ପ୍ରାର୍ଥନା ଫଳରେ ଦୀର୍ଘ ଦିନର କୁସଂସ୍କାର ପ୍ରାୟ ଭାଙ୍ଗି ଯାଇଥିଲା । ଇତିହାସରେ ଏହା ଥିଲା ଏକ ଅଭିନବ ବିଜୟ । ସେ ସଂଗ୍ରାମରେ ଦୁର୍ବଳ ଜନତାର କ୍ରନ୍ଦନ ନ ଥିଲା ବା ସବଳର ଅହଂକାର ନଥିଲା । ଯୁଗଯୁଗର ଭ୍ରାନ୍ତି ମଣିଷ ମନରୁ ଲୋପପାଉ– ଏହା ଥିଲା ସତ୍ୟାଗ୍ରହୀମାନଙ୍କର ଉଦ୍ଦେଶ୍ୟ । ତଦ୍ଦ୍ୱାରା ଦଳିତ–ଅନାଦୃତ–ମଣିଷର ମାନ ଉତ୍ତୋଳିତ ହୋଇଥିଲା । ଅନଶନର ପୂର୍ବଦିନ ପ୍ରୟାଗର ହିନ୍ଦୁମନ୍ଦିରରେ ସମସ୍ତେ ପ୍ରବେଶ କରିଥିଲେ । ତା' ପରବର୍ତ୍ତୀ କାର୍ଯ୍ୟକ୍ରମ ସବୁ ଥିଲା ବେଶ୍ ଚମକପ୍ରଦ । ବାରଣାସୀର ଶ୍ରୀରାମ ମନ୍ଦିର ଓ କଲିକତାର କାଳୀମନ୍ଦିରରେ ଦଳିତ ଜାତିର ଲୋକେ ପ୍ରବେଶ କଲେ । ୧୯୩୨, ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୨ (ଗାନ୍ଧୀ ଜୟନ୍ତୀ) ମଧ୍ୟରେ ପ୍ରାୟ ଅଧିକାଂଶ ଦେଶୀୟ ରାଜ୍ୟ

(Federal States)ର ପୂଜାପୀଠ ସର୍ବସାଧାରଣଙ୍କ ପାଇଁ ମୁକ୍ତ ହେଲା । ସେଥିମଧ୍ୟରୁ ବରୋଦା, କାଶ୍ମୀର, କୋହଲାପୁର ଆଦିର ନାମ ଉଲ୍ଲେଖଯୋଗ୍ୟ । ସବୁ ବର୍ଗର ଲୋକେ ଧର୍ମାନୁଷ୍ଠାନକୁ ଯାଇପାରିଲେ । ସେକାଳର ଗଣମାଧ୍ୟମ (ଖବରକାଗଜ) ସେସବୁ ପ୍ରସଙ୍ଗ ନେଇ ପ୍ରତିଦିନ ବାର୍ତ୍ତା ପ୍ରଚାର କରୁଥିଲା ।

ଏହାର ପରବର୍ତ୍ତୀ କଥା ଥିଲା ପଙ୍‌କ୍ତି ଭୋଜନରେ ସବୁବର୍ଗର ଲୋକଙ୍କ ଯୋଗଦାନ । ପଣ୍ଡିତ ଜବାହରଲାଲ ନେହେରୁଙ୍କ ମାଆ ଶ୍ରୀମତୀ ସ୍ୱରୂପାରାଣୀ ଦେବୀ ଏକ ଧାଡ଼ିରେ ସମସ୍ତଙ୍କ ସହ ଭୋଜନ କରିଥିଲେ । ସେମାନଙ୍କୁ ପରଷୁ ଥିଲେ ହରିଜନ ଓ ସେମାନଙ୍କ ସହ ଭୋଜନରେ ମଧ୍ୟ ବସିଥିଲେ ସବୁବର୍ଗର ଲୋକେ । ସେତେବେଳେ କାଶୀ ବିଶ୍ୱବିଦ୍ୟାଳୟ (ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ)ର ଅଧ୍ୟକ୍ଷ ମହାଶୟ ବହୁ ଅସବର୍ଣ୍ଣ ଓ ସବର୍ଣ୍ଣଙ୍କ ସହ ପଙ୍‌କ୍ତି ଭୋଜନ କରିଥିଲେ । ବମ୍ବେ (ବର୍ତ୍ତମାନର ମୁମ୍ବାଇ) ମହାନଗରରେ ଏକ ନୂଆଧରଣର ସଚେତନତା ସୃଷ୍ଟି କରାଯାଇଥିଲା । ଏକ ସଂଗଠନ ତରଫରୁ ମନ୍ଦିର ପାଖରେ ବାକ୍ସ ବସାଇ ଦିଆଗଲା । ସ୍ୱେଚ୍ଛାସେବୀଗଣ ମନ୍ଦିରରେ ଅସବର୍ଣ୍ଣଙ୍କ ପ୍ରବେଶ ସପକ୍ଷ ଓ ବିପକ୍ଷରେ ସ୍ୱକୀୟ ମତ ରଖିବା ପାଇଁ ଅନୁରୋଧ କରିଥିଲେ । ଶେଷରେ ଦେଖାଗଲା ଯେ ହରିଜନଙ୍କ ମନ୍ଦିର ପ୍ରବେଶ ସପକ୍ଷରେ ମତ ଥିଲା । ଦକ୍ଷିଣ ଭାରତରେ ଶିକ୍ଷାନୁଷ୍ଠାନରେ ସବୁବର୍ଗର ପିଲାଏ ପାଖାପାଖି ବସି ପାଠ ପଢ଼ିଲେ । ସବୁବର୍ଗର ଲୋକେ କୂଅ–ପୋଖରୀରୁ ଜଳସଂଗ୍ରହ କରି ପାରିଲେ । ଏହିପରି ଭେଦଭାବ ତୁଟିଯିବାର ସମ୍ବାଦ ଚିଠିପତ୍ର ଜରିଆରେ ଗାନ୍ଧିଜୀଙ୍କ ପାଖରେ ଜମାହେଲା । ଛୁଆଁଛୁତି ପୂରାପୂରି ଉଠି ଯାଇ ନ ଥିଲେ ହେଁ ତା'ପରେ ଯିଏ ବାରଣ କଲେ ତାଙ୍କୁ ହିଁ ହିଁ ଦୋଷାରୋପ କରାଯାଇଥିଲା । ଏ ସଂପର୍କରେ ଗାନ୍ଧିଜୀ ତାଙ୍କର କନ୍ୟାତୁଲ୍ୟା ମୀରାବେନ୍‌ଙ୍କୁ ଲେଖିଥିବା ଚିଠିର କିୟଦ୍ ଅଂଶ ନିମ୍ନରେ ପ୍ରଦତ୍ତ । ଯଥା– ''ପ୍ରଭୁଙ୍କର କରୁଣା ଅସୀମ । ଅଛୁଆଁ ରାକ୍ଷସକୁ ଧ୍ୱଂସ କରିବାରେ ସେ ହିଁ ଏକମାତ୍ର ସହାୟ । ମୋର ଅନଶନ କିଛି ନୁହେଁ ।'' ପ୍ରକାଶ ଥାଉ କି, ଗାନ୍ଧିଜୀ ଏଇ ଅନଶନ କଲାବେଳେ ଜେରୱାଡ଼ା ଜେଲରେ ଥିଲେ । ଏଣୁ ସରକାରଙ୍କ ପକ୍ଷରେ ଏହା ଥିଲା ବେଶ୍ ଉଦ୍‌ବେଗର କାରଣ । ଏଣୁ ସରକାରଙ୍କ ବୁଝାମଣାରେ ମାନ୍ୟବର ସାପ୍ରୁ ଓ ଜୟକାରଙ୍କ ପରି ନେତା ଜେଲରୁ ଆସି ଗାନ୍ଧିଜୀଙ୍କର ଯତ୍ନନେଲେ । ମହିଳା ବନ୍ଦୀଶାଳାରୁ ସରୋଜିନୀ ନାଇଡୁ ଆସି ବାପୁଙ୍କ କଥା ବୁଝିଲେ । କସ୍ତୁରବା ଗାନ୍ଧୀ ସେତେବେଳେ ସାବରମତୀ ଜେଲରେ ଥିଲେ । ତାଙ୍କୁ ମଧ୍ୟ ଗାନ୍ଧିଜୀଙ୍କ ପାଖକୁ ଅଣାଗଲା । ଗାନ୍ଧିଜୀଙ୍କୁ କସ୍ତୁରବା ଓ ସରୋଜିନୀ ନାଇଡୁ ସରବତ୍ ପିଇବାକୁ ଦେଇଥିଲେ । ଗାନ୍ଧିଜୀଙ୍କୁ ମଧ୍ୟ ସରକାର ବନ୍ଦୀଶାଳାରୁ ଚୁକ୍ତିସହ ଖଲାସ କରି ଦେଇଥିଲେ ।

ବିଶ୍ୱବିଖ୍ୟାତ ସାମ୍ବାଦିକ ଲୁଇଫିସର ଗାନ୍ଧିଜୀଙ୍କର କାର୍ଯ୍ୟାନୁଷ୍ଠାନର ଗୁରୁତ୍ୱ ଓ ଅସ୍ପୃଶ୍ୟତା ନିବାରଣରେ ତାହା ଯେ ଖୁବ୍ ପ୍ରଭାବଶାଳୀ ବୋଲି ମନ୍ତବ୍ୟ ରଖିଥିଲେ । ପରବର୍ତ୍ତୀ କାଳରେ ୧୯୩୪ରେ ଅସ୍ପୃଶ୍ୟତା ନିବାରଣ, ମନ୍ଦିର ପ୍ରବେଶ, ହରିଜନ ପାଣ୍ଠିସଂଗ୍ରହ ଉଦ୍ଦେଶ୍ୟରେ ଗାନ୍ଧିଜୀ ଓଡ଼ିଶାରେ ପଦଯାତ୍ରା କରିଥିଲେ । ତାଙ୍କର ଏଇ ପଦଯାତ୍ରାକୁ ଧର୍ମଯାତ୍ରା ବା ତୀର୍ଥଯାତ୍ରାରେ ମାନ୍ୟତା ଦିଆଯାଇଥିଲା । ଉଦ୍ଦେଶ୍ୟ ଅତ୍ୟନ୍ତ ମହତ୍ । ପଦଯାତ୍ରାର ମୁଖ୍ୟ ବ୍ୟବସ୍ଥାପକ ଥିଲେ ଅମୃତଲାଲ ବିଠଲଦାସ ଠକ୍କର ବାପା । ସଂକ୍ଷେପରେ ସନ୍ତ ଠକ୍କର ବାପା । ତାଙ୍କ ସହିତ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲେ ଗୋପବଂଧୁ ଚୌଧୁରୀ । ଏଇ ପଦଯାତ୍ରା ପୁରୀରୁ ଆରମ୍ଭ ହୋଇଥିଲା । ଗାନ୍ଧିଜୀଙ୍କ ସହ ଚାଲୁଥିଲେ ମୀରାବେନ୍, ଜୟପ୍ରକାଶଙ୍କ ପତ୍ନୀ ପ୍ରଭାବତୀ ଦେବୀ, ଯମୁନାଲାଲଙ୍କ ସାନଝିଅ ଉମା, ଜନୈକ ଆଶ୍ରମବାସିନୀ ସୁଶୀଳା ବାଈ ଓ ଅନ୍ୟ ଦଶଜଣ । ସାଙ୍ଗରେ ରହିଥାଏ ସଫେଇ ସରଂଜାମ । ଯଥା– ଝାଡୁ, ଝୁଡ଼ି, କୋଦାଳ ଆଦି । ଅଧିକ ଜିନିଷ ପାଇଁ ଶଗଡ଼ ବରାଦ ହେଉଥାଏ । ଯେଉଁ ଗ୍ରାମ / ଜନପଦରେ ଯାହା ମିଳିଲା, ପଦଯାତ୍ରୀଗଣ ତାହା ଖାଉଥିଲେ । ଗାନ୍ଧିଜୀଙ୍କୁ ପଇଡ଼ ପିଇବାକୁ ଭଲ ଲାଗୁଥିଲା । ଛେଳିକ୍ଷୀର ପିଇବାର ଅଭ୍ୟାସ ତାଙ୍କର ଥିଲା । ଯେଉଁଠି ଛେଳିକ୍ଷୀର ମିଳୁଥିଲା ସେ

ପିଉଥିଲେ । ଅଧିକ ଛେଳିଦୁଧ ମିଳୁଥିଲେ ତାକୁ ରାବିଡ଼ିପରି ବାଟକୁ ରଖାଯାଉଥିଲା । ଦିନକୁ ପ୍ରାୟ ୮–୧୦ ମାଇଲ ବାଟ ଚାଲୁଥିଲେ । ଅତି ସକାଳୁ ଦିନ ୧୧ଟା ଯାଏ । ପୁଣି ଛାଇଲେଉଟା ବେଳରୁ ସଂଜ ବେଳଯାଏ । ସବୁଠି ସଭାକରି ଜାତି–ଭେଦଭାବ ଉଠାଇ ଦେବା ପାଇଁ ଗାନ୍ଧିଜୀ କହୁଥିଲେ । ଲୋକେ ବଦଳୁ ଥିଲେ ।

ଏଇ କାମ ପାଇଁ ଲୋକେ ଚାନ୍ଦା ଦେଉଥିଲେ । ବିବିଧ ମୂଲ୍ୟବାନ୍ ଦ୍ରବ୍ୟ ଗାନ୍ଧିଜୀଙ୍କୁ ଦିଆଯାଉଥିଲା । ସେଗୁଡ଼ିକୁ ନିଲାମ କରାଯାଇ ସେ ଅର୍ଥକୁ ହରିଜନ ଉନ୍ନୟନ ପାଣ୍ଠିରେ ରଖାଯାଉଥିଲା । ଯଥା– ଯାଜପୁର ଜିଲ୍ଲାର ତତ୍‌କାଳୀନ ବିଶିଷ୍ଟ କାଠ କାରିଗର ଶ୍ରୀ ଧନେଶ୍ୱର ମହାରଣା ଚନ୍ଦନକାଠର ବାକ୍ସ କରିଥିଲେ । ସେଥିରେ ଯାଜପୁରବାସୀଙ୍କ ତରଫରୁ ଅଭିନନ୍ଦନ ପତ୍ର ଗାନ୍ଧିଜୀଙ୍କୁ ଦିଆଯାଇଥିଲା । ସେ ଆନନ୍ଦରେ ତାହା ଗ୍ରହଣ କରିଥିଲେ । ପରେ ଚନ୍ଦନକାଠର ବାକ୍ସଟି ପାଞ୍ଚଶତ ଟଙ୍କାରେ ନିଲାମ ହୋଇଥିଲା । ସେହିଧନ ହରିଜନ ଉନ୍ନୟନ ପାଣ୍ଠିକୁ ଯାଇଥିଲା । ପ୍ରକାଶ ଥାଉ କି, ନିଲାମରେ ବାକ୍ସଟି କିଣିଥିଲେ ବିରଳା ପରିବାରର ଜଣେ ଦର୍ଶକ ।

ଏଇ ପଦଯାତ୍ରାର ପ୍ରଥମ ପର୍ଯ୍ୟାୟର ରହଣୀସ୍ଥଳ ଥିଲା– ପୁରୀ, ହରେକୃଷ୍ଣପୁର, ଚନ୍ଦନପୁର, ସାକ୍ଷୀଗୋପାଳର କାଦୁଆ ଆଶ୍ରମ, ବୀର ପୁରୁଷୋତ୍ତମପୁର, ଦାଣ୍ଡମୁକୁନ୍ଦପୁର, ତେଲେଙ୍ଗାପେଣ୍ଠ, କାଜୀପାଟଣା ଓ କଟକ ଆଦି । ଏହାର ଦ୍ୱିତୀୟ ପର୍ଯ୍ୟାୟର ରହଣିସ୍ଥଳ ଥିଲା ଚଂପାପୁର, ଭେଡ଼ା, ସତ୍ୟଭାମାପୁର, ବହୁକୁଦ, ଶିଶୁଆ, ସାଲେପୁର, ନିଶ୍ଚିନ୍ତକୋଇଲି (ପଣସପଡ଼ିଆ), କେନ୍ଦ୍ରାପଡ଼ା, ବାରିମୂଳ, ଇନ୍ଦୁପୁର, ବରୀ, ଯାଜପୁର ଓ ଭଦ୍ରକ ଆଦି । ପଦଯାତ୍ରାର ବିବରଣୀ ପ୍ରସ୍ତୁତ କରି ଦୈନିକ 'ସମାଜ' ସମ୍ବାଦପତ୍ରକୁ ପଠାଉଥିଲେ ଶ୍ରୀ ବିନୋଦ କାନୁନ୍‌ଗୋ ।

କ୍ରମେ ପରିଣତ ବୟସରେ ଚାଲିବାକୁ, ସଭାରେ ଲୋକଙ୍କୁ ପ୍ରେରଣା ଦେବାକୁ ଏତେ ଶକ୍ତି କିଏ ଦେଉଛି ବୋଲି ପ୍ରଶ୍ନର ଉତ୍ତର ସେ ଦେଇଥିଲେ– ''ଈଶ୍ୱରଙ୍କ କରୁଣା'' । ଗାନ୍ଧିଜୀଙ୍କ ମତରେ ସତ୍ୟ ହିଁ ଈଶ୍ୱର ଓ ଈଶ୍ୱର ହିଁ ସତ୍ୟ ।

ମହାତ୍ମାମାନଙ୍କର କର୍ମ–ସାଧନ ଅକାରଣରେ ଯାଏ ନାହିଁ । ଗାନ୍ଧିଜୀଙ୍କର ତପସ୍ୟା ଆଜି ଫଳପ୍ରଦ ହୋଇଛି । ଜାତିଭେଦ ପ୍ରାୟ ନାହିଁ କହିଲେ ଚଳେ ।

ସେକ୍ଟର ୨/୪୨୬, ନୀଳାଦ୍ରି ବିହାର
ଭୁବନେଶ୍ୱର–୨୧

❖ ❖ ❖